# ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା

**ଭାରତ ସରକାର ଏବଂ ଓଡିଶା ସରକାର କୃଷି ବିଭାଗ ଦ୍ୱାରା ପରିଚାଳିତ**

**ନିରାପଦ କୃଷକ, ଦେଶର ଗର୍ବ**



## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ବିଷୟରେ କୃଷକମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଶ୍ନାବଳୀ ।



**ପ୍ରଶ୍ନ: ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କଣ?**

**ଉତ୍ତର:** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ହେଉଛି ଏକ ମାଧ୍ୟମ ଯାହା ଜରିଆରେ କୃଷକମାନେ ସେମାନଙ୍କର ବୀମାଭୁକ୍ତ ଫସଲ ସହିତ ଜଡ଼ିତ ବିପଦଗୁଡ଼ିକ କାରଣରୁ ହେଉଥିବା ହାନୀ ଘଟଣାରେ କ୍ଷତିପୂରଣ ପାଆନ୍ତି ।

**ପ୍ରଶ୍ନ: ଫସଲ ବୀମା କିଏ କରିପାରିବେ?**

**ଉତ୍ତର:** ବିଜ୍ଞାପିତ ଅଞ୍ଚଳରେ ଅଧିସୂଚିତ ଫସଲଗୁଡ଼ିକ ଚାଷ କରୁଥିବା ସମସ୍ତ ଋଣୀ ଓ ଅଣ-ଋଣୀ (ଭାଗଚାଷୀ/ରୟତ) ଚାଷୀମାନେ ଫସଲ ବୀମାର ଲାଭ ଉଠାଇ ପାରିବେ । ସମସ୍ତ ଋଣୀ ଓ ଅଣ-ଋଣୀ ଚାଷୀଙ୍କ ପାଇଁ ପଞ୍ଜିକରଣ ସ୍ୱେଚ୍ଛାକୃତ ଅଟେ । ଖରିଫ ଋତୁ ନିମନ୍ତେ ପଞ୍ଜିକରଣ ପାଇଁ ସାଧାରଣ ଶେଷ ତାରିଖ ହେଉଛି ୩୧ ଜୁଲାଇ । ଆପଣଙ୍କ ଅଞ୍ଚଳରେ ଅଧିସୂଚିତ ଫସଲ ଏବଂ କଟ୍-ଅଫ୍ ତାରିଖ ବିଷୟରେ ସୂଚନା ପାଇଁ ଆପଣ ସିଏସସି କେନ୍ଦ୍ର, ପିଏମଏଫବିୱାଇ ପୋର୍ଟାଲ୍, ବୀମା କମ୍ପାନୀ କିମ୍ବା କୃଷି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ ।

ଋଣୀ କୃଷକମାନେ ପଞ୍ଜିକରଣ ପାଇଁ କଟ୍-ଅଫ୍ ତାରିଖର ଅତି କମରେ ୭ ଦିନ ପୂର୍ବରୁ ସଂପୃକ୍ତ ବ୍ୟାଙ୍କ ଶାଖାରେ ଏକ ଅପ୍ଟ-ଆଉଟ୍ ଫର୍ମ କିମ୍ବା ଆତ୍ମ-ଘୋଷଣାପତ୍ର ଦେଇ ଏହି ଯୋଜନାରୁ ବାହାରି ଯାଇ ପାରିବେ ।




**ପ୍ରଶ୍ନ: ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଚାଷୀଙ୍କ ପାଇଁ ବୀମା ରାଶି କଣ ହେବ?**

**ଉତ୍ତର:** ବୀମା ରାଶି ରାଜ୍ୟ ସ୍ତରିୟ ବୈଷୟିକ କମିଟି ଦ୍ୱାରା ସ୍କେଲ୍ ଅଫ ଫାଇନାନ୍ସକୁ ବିବେଚନା କରାଯାଏ ।

**ପ୍ରଶ୍ନ: ଫସଲ ବୀମା ପାଇଁ କୃଷକ ପ୍ରଦାନ କରିବାକୁ ଥିବା ପ୍ରିମିୟମ ହାର କେତେ ?**

**ଉତ୍ତର:** ଖରିଫ ଫସଲ ପାଇଁ ୨.୦%, ରବି ଫସଲ ପାଇଁ ୧.୫% ଏବଂ ବ୍ୟବସାୟିକ ଏବଂ ଉଦ୍ୟାନ କୃଷି ଫସଲ ପାଇଁ ବୀମା ରାଶିର ସର୍ବାଧିକ ୫% ।

**ପ୍ରଶ୍ନ: ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ କେଉଁ ସବୁ ଆପଦକୁ ଅନ୍ତର୍ଭୁକ୍ତ କରାଯାଇଛି ?**

**ଉତ୍ତର:** ୧. ବୁଣା/ରୋପଣ ହୋଇଯାରିନଥିବା/ଗଜା ନ ହେବା ବିପଦ: ପ୍ରତିକୂଳ ମୌସୁମୀ/ପାଣିପାଗ ଅବସ୍ଥା କିମ୍ବା ବୀମାଭୁକ୍ତ ଅଞ୍ଚଳରେ କମ ବର୍ଷା ହେତୁ ବୁଣା ହେଉନଥିବା ଫସଲ/ ରୋପଣ ହେଉଥିବା ଫସଲ/ଗଜା ନ ହେବା ଜନିତ କ୍ଷତିରୁ ସୁରକ୍ଷା ପ୍ରଦାନ ।

୨. ଜମିରେ ଥିବା ଫସଲ (ବୁଣିବାରୁ ଅମଳ ପର୍ଯ୍ୟନ୍ତ): ମରୁଡ଼ି, ଶୁଷ୍କ ଅବସ୍ଥା, ବନ୍ୟା, ଜଳପ୍ଲାବନ, କୀଟ ଏବଂ ରୋଗର ବ୍ୟାପକ ଆକ୍ରମଣ, ଭୂସ୍ଖଳନ, ପ୍ରାକୃତିକ ଅଗ୍ନିକାଣ୍ଡ, ବଜ୍ରପାତ, ଝଡ଼, କୁଆପଥର ଏବଂ ବାତ୍ୟା ଇତ୍ୟାଦି ପରି ବିପଦ କାରଣରୁ ଅମଳ କ୍ଷତି ଭରିବା ପାଇଁ ଏକ ବିସ୍ତୃତ ବିପଦ ବୀମା ପ୍ରଦାନ କରାଯାଇଛି ।

୩. ଅମଳ-ପରବର୍ତ୍ତୀ କ୍ଷତି: କୁଆପଥର, ବାତ୍ୟା, ବାତ୍ୟା ଜନିତ ବର୍ଷା ଏବଂ ଅଣମୌସୁମୀ ବର୍ଷା ସ୍ଥିତିରେ ବ୍ୟକ୍ତିଗତ ଆଧାରରେ କ୍ଷେତରେ କାଟି କରି ପକାଇ ଥିବା/ଛୋଟ ଛୋଟ ବିଡ଼ା ବାନ୍ଧି ଶୁଖାଇବା ପାଇଁ ରଖିଥିବା ଫସଲକୁ ଅମଳ କରିବାର କେବଳ ୧୪ ଦିନର ସର୍ବାଧିକ ଅବଧିରେ ହେଉଥିବା କ୍ଷତିରୁ ସୁରକ୍ଷା ଯୋଗାଇ ଦିଆଯାଏ ।

୪. ସ୍ଥାନୀୟ ବିପର୍ଯ୍ୟୟ: ଏହି ଯୋଜନା ଅଧୀନରେ, କୁଆପଥର, ଭୂସ୍ଖଳନ, ଜଳପ୍ଲାବନ, ବାଦଲଫଟା ବର୍ଷା ଏବଂ ବଜ୍ରପାତ ଯୋଗୁଁ ପ୍ରାକୃତିକ ଅଗ୍ନିକାଣ୍ଡ ଭଳି ସ୍ଥାନୀୟ ବିପର୍ଯ୍ୟୟ ଯୋଗୁଁ ଅଧିସୂଚିତ ଏକକ କିମ୍ବା କ୍ଷେତର କିଛି ଅଂଶକୁ ପ୍ରଭାବିତ କରିବା ସହ ଫସଲ କ୍ଷତି ସ୍ତରରେ ଏକକ କ୍ଷେତ ଆଧାରରେ କୃଷକଙ୍କୁ ବୀମା ସୁରକ୍ଷା ପ୍ରଦାନ କରାଯାଇଛି ।

**ପ୍ରଶ୍ନ: ଏହି ଯୋଜନାରେ ଅଣ-ଋଣୀ କୃଷକ କିପରି ବୀମା ନେଇପାରିବେ?**

**ଉତ୍ତର:** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା ପାଇବାକୁ ଇଚ୍ଛୁକ କୃଷକମାନେ ସେମାନଙ୍କର ନିକଟତମ ବ୍ୟାଙ୍କ ଶାଖା/ସମବାୟ ସମିତି/ପ୍ରାଧିକୃତ ଚ୍ୟାନେଲ ପାର୍ଟନର୍/ଜନ ସେବା କେନ୍ଦ୍ର (ସିଏସସି)/ବୀମା କମ୍ପାନୀ କିମ୍ବା ସେମାନଙ୍କର ପ୍ରାଧିକୃତ ଏଜେଣ୍ଟ ସହିତ ଯୋଗାଯୋଗ କରିପାରିବେ ।

**ପ୍ରଶ୍ନ: ଋଣୀ କୃଷକ ବୀମାଭୁକ୍ତ ଫସଲରେ ପରିବର୍ତ୍ତନ କରିପାରିବେ କି ଏବଂ କେବେ ପର୍ଯ୍ୟନ୍ତ କରିପାରିବେ ?**

**ଉତ୍ତର:** ହଁ, ଋଣୀ କୃଷକ ବୀମାଭୁକ୍ତ ଫସଲରେ ପରିବର୍ତ୍ତନ କରିପାରିବେ । ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପଞ୍ଜିକରଣ ଶେଷ ତାରିଖର ଦୁଇ ଦିନ (କାର୍ଯ୍ୟ ଦିବସ) ପୂର୍ବରୁ ସଂପୃକ୍ତ ବ୍ୟାଙ୍କ ଶାଖାକୁ ବୀମାଭୁକ୍ତ ଫସଲର ପରିବର୍ତ୍ତନ ସମ୍ପର୍କରେ ସୂଚନା ଦେବାକୁ ପଡ଼ିବ ।

**ପ୍ରଶ୍ନ: ଫସଲ ବୀମା ପାଇବା ପାଇଁ ଜଣେ ଅଣ-ଋଣୀ କୃଷକ କେଉଁ ଦଲିଲ ଦାଖଲ କରିବା ଆବଶ୍ୟକ?**

**ଉତ୍ତର:** ଅଣ-ଋଣୀ କୃଷକମାନଙ୍କ ପାଇଁ, ଜମି ମାଲିକାନା ଦଲିଲ- ରେକର୍ଡ ଅଫ୍ ରାଇଟ୍ (ଆରଓଆର) ଏବଂ ଜମି ଅଧିକାର ପ୍ରମାଣପତ୍ର (ଏଲପିସି), ଆଧାର କାର୍ଡ (ସର୍ବଶେଷ), ଚଳନ୍ତି ବ୍ୟାଙ୍କ ପାସବୁକ୍ (ପ୍ରଥମ ପୃଷ୍ଠା - ବ୍ୟାଙ୍କ ଆକାଉଣ୍ଟ ବିବରଣୀ ସହିତ), ସ୍ୱକୀୟ ଘୋଷଣାନାମା ପ୍ରମାଣପତ୍ର (ଯଦି ରାଜ୍ୟ ସରକାରଙ୍କ ବିଜ୍ଞପ୍ତିରେ ବାଧ୍ୟତାମୂଳକ ହୋଇଥାଏ) ଇତ୍ୟାଦି ଦଲିଲ ଦାଖଲ କରିବା ବାଧ୍ୟତାମୂଳକ ଅଟେ ।

